بسم الله الرحمن الرحيم

୪ ମାର୍ଚ୍ଚ ୨୦୨୨ ଖୁତବା ଜୁମାର ସାରାଂଶ
ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

ହଜରତ ମୁହମ୍ମଦ ସ.ଅଙ୍କ ଆନୁଗତ୍ୟ ଫଳରେ ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କୁ ଏଭଳି (ଉଚ୍ଚ) ଆସନ ପ୍ରାପ୍ତ ହେଲା ଯେ (ଆଜି ମଧ୍ୟ) ସମଗ୍ର ବିଶ୍ୱ ତାଙ୍କୁ ଅତି ସମ୍ମାନ ଓ ମର୍ଯ୍ୟାଦ ସହକାରେ ସ୍ମରଣ କରୁଛି । ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କର ଉତ୍ତମ ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ବିଶ୍ୱର ଭାରାକ୍ରାନ୍ତ ପରିସ୍ଥିତି ଦୃଷ୍ଟିକୋଣରୁ (ଆମମାନଙ୍କୁ) ଦରୁଦ୍ ଶରିଫ୍ ଆବୃତ୍ତି କରିବା, କ୍ଷମା ଯାଚନା ତଥା କିଛି ବିଶେଷ ଦୁଆ ପାଠ କରିବା ପ୍ରତି ପ୍ରିୟ ହଜୁର ଅନୱର ଅ.ବଙ୍କର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱର ଅ.ବ କହିଲେ; ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି, ମୁସଲମାନମାନଙ୍କ ପ୍ରଥମ ଖଲିଫା ନିର୍ବାଚିତ ହେବା ଅବସରରେ ହଜରତ ହବାବ୍ ବିନ୍ ମୁନଯିର୍ ର.ଅ ନିଜର ମତ ପ୍ରକାଶ କଲେ; ଯେହେତୁ କୁରେଶର ପ୍ରବାସକାରୀ ଅନସାରମାନଙ୍କ ଛତ୍ରଛାୟା ତଳେ ଅଛନ୍ତି ତେଣୁ ଏହି ମାମଲାରେ ଅନସାରମାନଙ୍କ ନିଷ୍ପତ୍ତି ଗ୍ରହଣ ଯୋଗ୍ୟ ଯେ ଜଣେ ଅମିର ଅନସାରମାନଙ୍କ ତରଫରୁ ହେବ ଓ ଆଉ ଜଣେ ଅମିର ପ୍ରବାସକାରୀଙ୍କ ଦଳରୁ ହେବ । ଏହି ପ୍ରସଙ୍ଗରେ ହଜରତ ବଶିର ବିନ୍ ସାଦ୍ ର.ଅ ମତ ପ୍ରକାଶ କଲେ, ହଜୁର ସ.ଅଙ୍କ କୁରେଶ ଗୋଷ୍ଠୀ ଏହି ପଦବୀର ଅଧିକ ହକଦାର । କିନ୍ତୁ ସୁନନ୍ କୁବ୍‌ରା ଲିଲ୍ ନିସାଇରେ ଉଲ୍ଲେଖ ରହିଛି, ଯେ ସେହି ଅବସରରେ ହଜରତ ଉମର ର.ଅ କହିଲେ; ଗୋଟିଏ ମିଆନ୍‌ରେ ଦୁଇଗୋଟି ଖଣ୍ଡା ରହିବା ସମ୍ଭବ ନୁହେଁ । ସେଥିଅନ୍ତେ ସେ ହଜରତ ଅବୁବକର ର.ଅଙ୍କ ହସ୍ତ ଧରି ତାଙ୍କର ତିନୋଟି ବିଶେଷ ଗୁଣର ସାକ୍ଷ୍ୟ ଦେଲେ ଯେ ଇଜ୍‌ହୁମା ଫିଲ୍ ଗାରେ ଇଜ୍‌ୟକୁଲୁ ଲିସାହିବିହି ଲା ତହ୍‌ଯନ୍ ଇନ୍ନଲ୍ଲାହା ମାଆନା ଅର୍ଥାତ ଯେତେବେଳେ ସେହି ଦୁଇ ଜଣ ଗୁମ୍ଫା ଭିତରେ ଆଶ୍ରୟ ନେଇଥିଲେ ସେତେବେଳେ ସେ ନିଜ ସାଥିଙ୍କୁ କହୁଥିଲେ ଦୁଃଖ କର ନାହିଁ । ସୁନିଶ୍ଚିତ ରୂପେ ଐଶ୍ୱର୍ଯ୍ୟମୟ ପ୍ରଭୁ ଆମ ସାଥିରେ ଅଛନ୍ତି । ତେବେ ସେ ଦୁଇ ଜଣ କିଏ ଥିଲେ ? ହଜୁର ସ.ଅଙ୍କ ସାଥିରେ କିଏ ଥିଲେ ? ଏକଥା କହି ଆପଣ ର.ଅ ହଜରତ ଅବୁବକର ର.ଅଙ୍କର ବୈଅତ କରିନେଲେ । **ଏହା ଦେଖି ସମଗ୍ର ଉପସ୍ଥିତ ମଣ୍ଡଳୀ ହଜରତ ଅବୁବକର ର.ଅଙ୍କର ବୈଅତ କରିନେଲେ । ଯାହାକି ବୈଅତେ ସକିଫା ଓ ବୈଅତେ ଖାସା ନାମରେ ସୁପ୍ରସିଦ୍ଧ ।**

ହଜରତ ଅନସ୍ ବିନ୍ ମାଲିକ ର.ଅ ବର୍ଣ୍ଣନା କରନ୍ତି; ବୈଅତର ଦ୍ୱିତୀୟ ଦିନ ହଜରତ ଉମର ର.ଅ ଅଭିଭାଷଣ ପୂର୍ବକ କହିଲେ; ହେ ଲୋକମାନେ ! ମୁଁ କହିଥିଲି ଯେ ହଜୁର ସ.ଅ ମୃତ୍ୟୁ ବରଣ କରି ନାହାନ୍ତି । କାରଣ ଉକ୍ତ ପ୍ରସଙ୍ଗରେ ପବିତ୍ର ଧର୍ମଗ୍ରନ୍ଥରେ ମୋତେ କୌଣସି ଆଲେଖ୍ୟ ହସ୍ତଗତ ହୋଇ ନଥିଲି ଏବଂ ନା ହିଁ ମୋତେ ହଜୁର ସ.ଅ ସେହି ପ୍ରସଙ୍ଗରେ କୌଣସି ୱସିୟତ୍ କରିଥିଲେ । ମୁଁ ବୁଝିଥିଲି ଯେ ଆମେମାନେ ଏହି ଇହଧାମରୁ ବିଦାୟ ନେଇଯିବା ପରେ ହଜୁର ସ.ଅ ଦେହ ତ୍ୟାଗ କରିବେ । କିନ୍ତୁ ଅଲ୍ଲାଃତାଲା ତୁମ ମାମଲାକୁ ଏକ ଏପରି ବ୍ୟକ୍ତି ହସ୍ତରେ ଟେକି ଦେଲେ ଯେ ତୁମମାନଙ୍କ ମଧ୍ୟରୁ ସବୁଠାରୁ ଉତ୍ତମ ଏବଂ ଯେ ହଜୁର ସ.ଅଙ୍କର ଅନ୍ତରଙ୍ଗ

ସାଥି ଥିଲେ ତଥା ସାନି ଷ୍ଟସ୍‌ନୈନି ଇଜ୍‌ହୁମା ଫିଲ୍ ଗାରେର ଦୃଷ୍ଟାନ୍ତ ଅଟନ୍ତି । ସୁତରାଂ ଉଠ ଏବଂ ତାଙ୍କର ବୈଅତ କର । ସୁତରାଂ ମୁସଲମାନମାନେ ବୈଅତେ ସକିଫା ପରେ ହଜରତ ଅବୁବକର ର.ଅଙ୍କର ବୈଅତ କରିନେଲେ ।

ହଜରତ ଅବୁବକରର.ଅ ସାଧାରଣ ବୈଅତ ଦିନ ଏକ ଖୁତବା ଦେଇ କହିଲେ; ହେ ଲୋକମାନେ ! ମୁଁ ତୁମ୍ଭମାନଙ୍କ ଉପରେ ଓଲି (ମୁଖିଆ) ମୁତୟନ କରାଯାଇଛି କିନ୍ତୁ ମୁଁ ତୁମ୍ଭମାନଙ୍କ ଠାରୁ ସର୍ବୋତ୍ତମ ନୁହେଁ । ଯଦି ମୁଁ ଭଲ କାମ କରେ ତେବେ ତୁମେମାନେ ମୋର ସେହି କାର୍ଯ୍ୟରେ ସାହାଯ୍ୟ କର ଏବଂ ଯଦି ମୁଁ ଅଙ୍କାବଙ୍କା ପଥରେ ଚାଲେ ତେବେ ତୁମେମାନେ ମୋତେ ସଳଖ କରିଦେବ । ଯଦି ମୁଁ ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ଆଜ୍ଞା ପାଳନ କରିବା ପଥରେ ଅଟଳ ରହିଥାଏ ତେବେ ତୁମେମାନଙ୍କ ପକ୍ଷେ ମୋର ଆଜ୍ଞା ପାଳନ କରିବା ଅନିବାର୍ଯ୍ୟ ଏବଂ ଯଦି ମୁଁ ଅବଜ୍ଞାକାରୀ ପାଲଟି ଯାଏ ତେବେ ତୁମେମାନଙ୍କ ଉପରେ ମୋର ଆଜ୍ଞା ପାଳନ କରିବା ପ୍ରଯୁଜ୍ୟ ନୁହେଁ ।

ହଜରତ ଅଲୀର.ଅ ହଜରତ ଅବୁବକର ର.ଅଙ୍କର ବୈଅତ କରିବା ପ୍ରସଙ୍ଗରେ ଭିନ୍ନ ମତ ମିଳୁଅଛି । ଅଲ୍ଲାମା ଇବ୍‌ନେ କସିର୍ କୁହନ୍ତି; ଯେ ହଜରତ ଅଲୀର.ଅ ହଜୁର ସ.ଅଙ୍କ ନିଧନର ପ୍ରଥମ ଅବା ଦ୍ୱିତୀୟ ଦିନ ହଜରତ ଅବୁବକର ର.ଅଙ୍କର ବୈଅତ କରିଥିଲେ ଏବଂ ତା'ପରେ ଆପଣ ହଜରତ ଅବୁବକର ର.ଅଙ୍କର ସଙ୍ଗତ କଦାପି ଛାଡ଼ି ନଥିଲେ । ନା ହଜରତ ଅବୁବକର ର.ଅଙ୍କ ପଛରେ ନମାଜ ପାଠ କରିବାରୁ ବିରତ ରହିଥିଲେ । ହଜରତ ମସିହ ମଉଦଅ.ସ କୁହନ୍ତି; ପ୍ରଥମେ ପ୍ରଥମେ ହଜରତ ଅଲୀର.ଅ ହଜରତ ଅବୁବକର ର.ଅଙ୍କର ବୈଅତ କରିବାରେ ଅନିଚ୍ଛା ପ୍ରକାଶ କରିଥିଲେ କିନ୍ତୁ ତତ୍‌ପଶ୍ଚାତ ପ୍ରଭୁ ଜାଣିଥିବେ ତାଙ୍କ ମନରେ କେଉଁ କଥା ଉଦ୍ରେକ ହେଲା, ଯାହା ଫଳରେ ସେ ଆଉ କାଳ ବିଳମ୍ବ ନକରି, ଏପରିକି ନିଜ ପଗଡ଼ି ମଧ୍ୟ ନବାନ୍ଧି ଚଂଚଳତାର ସହିତ ହଜରତ ଅବୁବକର ର.ଅଙ୍କ ସେବାରେ ଉପସ୍ଥିତ ହୋଇ ଆପଣର.ଅଙ୍କର ବୈଅତ କରିନେଲେ ଏବଂ ସେଠାରୁ ନିଜ ପଗଡ଼ି ମଗାଇ ପଠାଇଲେ । ମନେହେଉଛି ତାଙ୍କ ହୃଦୟରେ ଏହି କଥା ଉଙ୍କି ମାରିଥିବ ଯେ ବୈଅତ କରିବାରୁ ପୃଥକ ରହିବା ତ' ବହୁତ ବଡ଼ ଅବାଧ୍ୟତା ଅଟେ । ତେଣୁ ସେ ଏପରି ବ୍ୟଗ୍ରତା ପ୍ରଦର୍ଶନ କରିଥିଲେ । ହଜରତ ମୁସଲେହ ମଉଦର.ଅ କୁହନ୍ତି; ହଜରତ ଅବୁବକରର.ଅ ମକ୍କାର ଜଣେ ସାଧାରଣ ବ୍ୟାପାରୀ ଥିଲେ । କିନ୍ତୁ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଆନୁଗତ୍ୟ ସ୍ୱୀକାର କରିବା ଫଳରେ ହଜରତ ଅବୁବକର୍ ସିଦ୍ଦିକ୍ ର.ଅଙ୍କୁ ଏଭଳି (ଉଚ୍ଚ) ଆସନ ପ୍ରାପ୍ତ ହେଲା ଯେ (ଆଜି ମଧ୍ୟ) ସମଗ୍ର ବିଶ୍ୱ ତାଙ୍କୁ ଅତି ଆଦର ସମ୍ମାନ ସହକାରେ ସ୍ମରଣ କରୁଛନ୍ତି । କେହି ଜଣେ ଆପଣ ର.ଅଙ୍କ ପିତାଙ୍କୁ ଖବର କଲେ ଯେ ଆପଣଙ୍କୁ ଅଭିନନ୍ଦନ ! ଅବୁବକର ଖଲିଫା ହୋଇଗଲେ । ପ୍ରଥମେ ତ' ସେ ଏକଥା ବିଶ୍ୱାସ କଲେ ନାହିଁ କିନ୍ତୁ ଯେତେବେଳେ ତାଙ୍କୁ ସୁନିଶ୍ଚିତ କାରାଗଲା ସେତେବେଳେ ସେ କହି ଉଠିଲେ; ଅଲ୍ଲାହୁ ଅକବର୍ ! ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର କି ବୈଶିଷ୍ଟ ଯେ ଅବୁ କାହାଫାର ପୁତ୍ରକୁ ସମଗ୍ର ଆରବବାସୀ ନିଜର ସର୍ଦ୍ଦାର ରୂପେ ଗ୍ରହଣ କରିନେଲେ । ଜମାଅତ ଅହମଦିୟାର ପ୍ରଥମ ଖଲିଫା କୁହନ୍ତି; ଖୁବ୍ ଭଲ ଭାବରେ ମନେରଖ ! ଅଲ୍ଲାଃତାଲା କାହାରି ଉପକାର (ସତ୍‌କର୍ମ)ର ପ୍ରତିଦାନ ବାକି ରଖି ନଥାନ୍ତି । ବରଂ ସେ ତା'ର ସହସ୍ର ବରଂ ଲକ୍ଷାଧିକ ଗୁଣ ଅଧିକ ପ୍ରତିଫଳ ପ୍ରଦାନ କରି ଦେଇଥାନ୍ତି । **ହଜରତ ଅବୁବକରର.ଅ ମକ୍କାରେ ଏକ ମାମୁଲି କୋଠା ଘର ଛାଡ଼ି ଯାଇଥିଲେ କିନ୍ତୁ ପରମେଶ୍ୱର ତାହା ପ୍ରତିବଦଳରେ ତାଙ୍କୁ (ଇସଲାମ) ସାମ୍ରାଜ୍ୟର ମାଲିକତ୍ୱ ପ୍ରଦାନ କରିଦେଲେ ।**

ଏକାଦା ହଜରତ ଅବୁବକରର.ଅ ସ୍ୱପ୍ନରେ ଦେଖିଥିଲେ ତାଙ୍କ ଶରୀରରେ ଦୁଇଟି ୟମନୀ ଚଦର ଘୋଡ଼ା ଯାଇଛି । କିନ୍ତୁ ଉକ୍ତ ଚାଦର ମଧ୍ୟ ଭାଗରେ ଦୁଇଟି ଦାଗ ଲାଗିଛି । ହଜୁରସ.ଅ ତାଙ୍କର ଏହି ସ୍ୱପ୍ନ ପ୍ରସଙ୍ଗରେ

କହିଲେ; ଦୁଇ ଗୋଟି ୟମନୀ ଚଦରର ଅର୍ଥ ତୁମକୁ ପୁଣ୍ୟବାନ ସନ୍ତାନ ଲାଭ ହେବ ଏବଂ ଦୁଇଟି ଦାଗର ଅର୍ଥ ଦୁଇ ବର୍ଷ ପର୍ଯ୍ୟନ୍ତ ଆପଣଙ୍କୁ ମୁସଲମାନମାନଙ୍କ ଅମିର ପଦବୀ ପ୍ରାପ୍ତ ହେବ ଅର୍ଥାତ ତୁମେ ଦୁଇ ବର୍ଷ ପର୍ଯ୍ୟନ୍ତ ମୁସଲମାନମାନଙ୍କ ହାକିମ ହୋଇ ରହିବ ।

ଖିଲାଫତ୍‌ର ନିର୍ବାଚନୀ ପରେ ହଜରତ ଅବୁବକର ରା.ଅଙ୍କର ବ୍ୟକ୍ତିଗତ ଖର୍ଚ୍ଚ ନିମନ୍ତେ ବାର୍ଷିକ ୬ହଜାର ଦିରହମ୍ ଓଜିଫା ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଯେତେବେଳେ ଆପଣରା.ଅଙ୍କର ମୃତ୍ୟୁ ସମୟ ପାଖେଇ ଆସିଲା ସେ ନିଜ ବନ୍ଧୁ ବାନ୍ଧବମାନଙ୍କୁ ଆଦେଶ ଦେଲେ, ଯେଉଁ ଓଜିଫା ମୋତେ ବୈଅତୁଲ୍ ମାଲରୁ ମିଳୁଅଛି । ସେ ସମସ୍ତ ରାଶି ବୈଅତୁଲ୍ ମାଲକୁ ଫେରସ୍ତ କରିଦିଅ ଏବଂ ତାହା ପୈଠ କରିବା ସକାଶେ ମୋର ଅମକ ଅମକ ଜମି ବିକ୍ରି କରିଦିଅ । ଅତଏବ ଯେତେବେଳେ ହଜରତ ଉମରରା.ଅ ଖଲିଫା ହେଲେ ଏବଂ ସେହି ଅର୍ଥ ତାଙ୍କ ନିକଟରେ ପହଂଚିଲା ସେତେବେଳେ ତାଙ୍କ ଚକ୍ଷୁରୁ ଅଶ୍ରୁ ଝରି ପଡ଼ିଲା ଏବଂ ସେ କହି ଉଠିଲେ; ହେ ଅକବର୍ ସିଦ୍ଦିକ୍ରା.ଅ **! ତୁମେ ନିଜ ଉତ୍ତରାଧିକାରୀ ଉପରେ ବହୁତ ଭାରି ବୋଝ ଲଦି ଯାଇଛ ।**

ଇସଲାମର ଚାରିଜଣ ଖଲିଫାଙ୍କ ମଧ୍ୟରେ ହଜରତ ଅବୁବକର ରା.ଅଙ୍କର ମାତ୍ର ଦୁଇ ବର୍ଷ ଚାରି ମାସର ସ୍ୱଳ୍ପ ଖିଲାଫତ୍ କାଳ ଏକ ସୁବର୍ଣ୍ଣ ଯୁଗ ଥିଲା । କାରଣ ହଜରତ ଅବୁବକର ରା.ଅଙ୍କୁ ସବୁଠାରୁ ଅଧିକ ବିପଦ ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । କିନ୍ତୁ ପରାକ୍ରମୀ ପରମେଶ୍ୱରଙ୍କର ଅସାଧାରଣ ସାହାଯ୍ୟ ସହଯୋଗ ବଳରେ ହଜରତ ଅବୁବକର ରା.ଅଙ୍କ ଅଦମ୍ୟ ସାହସ, ପରାକାଷ୍ଠା ଓ ବୁଦ୍ଧିମତା ଫଳରେ ବିଦ୍ରୋହ ଏବଂ ଆତଙ୍କବାଦର ସମସ୍ତ କଳା ବାଦଲ ଦୂରୀଭୂତ ହୋଇ ଯାଇଥିଲା ଏବଂ ଭୟପ୍ରଦ ଅବସ୍ଥା ଶାନ୍ତିରେ ରୂପାନ୍ତରିତ ହୋଇ ଯାଇଥିଲା ।

ହଜରତ ଅବୁବକରରା.ଅ ଖିଲାଫତ୍ ଆସନରେ ବିରାଜମାନ ହେବାର ପ୍ରଥମ ପର୍ଯ୍ୟାୟରେ ପାଂଚ ଗୋଟି ମହାବିପତ୍ତି ଓ ସମସ୍ୟାର ସମ୍ମୁଖୀନ ହୋଇଥିଲେ । **ପ୍ରଥମ** ହଜୁର ସ.ଅଙ୍କର ହୃଦୟ ବିଦାରକ ବିରହ ବିଚ୍ଛେଦ । **ଦ୍ୱିତୀୟ** ଖିଲାଫତ୍ ନିର୍ବାଚନ ଏବଂ ଇସଲାମ ଧର୍ମରେ ବିଭ୍ରାଟ ଓ ବିଶୃଙ୍ଖଳାର ଭୟଙ୍କର ତୋଫାନ୍ । **ତୃତୀୟ** ଉସାମାଙ୍କ ଅଧ୍ୟକ୍ଷତାରେ ମୁସଲମାନ ସେନାକୁ ପ୍ରେରଣ କରିବା ନିଷ୍ପତ୍ତି ନେବା । **ଚତୁର୍ଥ** ମୁସଲମାନମାନେ ଜକାତ୍ ଦେବାକୁ ମନା କରିଦେବା ଏବଂ ମଦିନା ଉପରେ ଆକ୍ରମଣ କରିବାର ପ୍ରସ୍ତୁତିକାରୀ ଯାହାଙ୍କୁ ଇତିହାସରେ ଜକାତ୍ ଦେବାରୁ ଅସ୍ୱୀକାରକାରୀ କୁହାଯାଏ । **ପଂଚମ** ଏଭଳି ବିଦ୍ରୋହୀ ଓ ଅମାନ୍ୟକାରୀ ଯେ ଖୋଲାଖୋଲି ଭାବରେ ବିଦ୍ରୋହ ଓ ଯୁଦ୍ଧର ଘୋଷଣା କରି ଦେଇଥିଲେ । ଏହି ବିଦ୍ରୋହରେ ସେହିମାନେ ସାମିଲ ହୋଇଥିଲେ ଯେଉଁମାନେ ନିଜକୁ ଅବତାର ବୋଲି ମଣୁଥିଲେ । ଏପରି ଭୟଙ୍କର ଓ ବିପତ୍ତି ତଥା ସମସ୍ୟା ପୂର୍ଣ୍ଣ ପରିସ୍ଥିତିରୁ ସର୍ବଶକ୍ତିମାନ ଅଲ୍ଲାଃତାଲା ହଜରତ ଅବୁବକର ରା.ଅଙ୍କୁ ସଫଳତାର ସହିତ ଉଦ୍ଧାର କରିଥିଲେ ।

ହଜରତ ମସିହ ମଉଦଅ.ସ ହଜରତ ଅବୁବକର ରା.ଅଙ୍କୁ ହଜରତ ମୁସା ଅ.ସଙ୍କର ପ୍ରଥମ ଖଲିଫା ୟୁସୁଉ ବିନ୍ ନୁନ୍‌ଙ୍କ ସହିତ ସାଦୃଶ୍ୟତା ଦେଇ ଆପଣରା.ଅ ଯେଉଁ ଭୟଙ୍କର ବିପଦ ତଥା ସମସ୍ୟା ଘେରରୁ ମୁକୁଳି କୃତକାର୍ଯ୍ୟ ହୋଇଥିଲେ ତାହାର ଚର୍ଚ୍ଚା କରି କୁହନ୍ତି; ଓାଦଲ୍‌ଲାହୁଲ୍ ଲଜିନା ମିନ୍‌କୁମ୍ ଓଆମିଲୁସ୍ ସାଲିହାତି ଲାୟସ୍‌ତଖଲିଫନ୍ନହୁମ୍ ଫିଲ୍ ଅରଜି କମାସ୍ ତଖ୍‌ଲଫଲ୍ଲଜିନା ମିନ୍ କବ୍‌ଲିହିମ୍‌ର ଆୟତରୁ ମୁସୱୀ ସମ୍ପ୍ରଦାୟର ଖିଲାଫତ ସହିତ ମୁହମ୍ମଦି ସମ୍ପ୍ରଦାୟର ଖିଲାଫତ ମଧ୍ୟରେ ସାମଞ୍ଜସ୍ୟତା ପ୍ରମାଣିତ ହେଉଛି । ଏହି ସାଦୃଶ୍ୟତାର ଶିଳାନ୍ୟାସ ହଜରତ ଅବୁବକର ରା.ଅଙ୍କ ମାଧମରେ ହୋଇଥିଲା ଏବଂ ଏହାର ଶେଷ ନମୁନା ପ୍ରଦର୍ଶନକାରୀ ମସିହ ଖାତମୁଲ୍ ଖଲିଫା ଅର୍ଥାତ ମୁହମ୍ମଦି ସମ୍ପ୍ରଦାୟର ସବିଶେଷ ଖଲିଫା ଅଟନ୍ତି । ପ୍ରଭୁ ୟୁସୁଉ ବିନ୍ ନୁନ୍ ଏବଂ ହଜରତ ଅବୁବକର ରା.ଅଙ୍କ ସାମଞ୍ଜସ୍ୟ ଉଭୟ ଖିଲାଫତ୍‌ର ପ୍ରାରମ୍ଭରେ କରିବା ସହିତ ମରିୟମ ନନ୍ଦନ ଇସା ମସିହ ଓ ଏହି ସମ୍ପ୍ରଦାୟର

ପ୍ରତିଶୃତ ମସିହ ଅ.ସଙ୍କ ସାମଞ୍ଜସ୍ୟତା ଉଭୟ ସମ୍ପ୍ରଦାୟର ଶେଷ ଭାଗରେ ହେବା ଲିପିବଧ କରିଦେଇଛନ୍ତି । ଯେପରି ଇସ୍ରାଇଲ ସନ୍ତାନମାନେ ହଜରତ ମୁସା ଅ.ସଙ୍କ ଦେହାନ୍ତ ପରେ ୟୁସୁଉ ବିନ୍ ନୁନ୍ଙ୍କର ଶ୍ରବଣକାରୀ ଓ ଅନୁଗାମୀ ହୋଇଗଲେ । ସେହିପରି ହିଁ ହଜରତ ଅବୁବକର ର.ଅଙ୍କ ସହିତ ଘଟିଥିଲା । ହଜୁର ସ.ଅଙ୍କ ବିଦାୟରେ ସଭିଏଁ ଅଶ୍ରୁ ଝରାଇ ଶେଷରେ ହଜରତ ଅବୁବକର ର.ଅଙ୍କ ଖିଲାଫତ୍‌କୁ ସହୃଦୟରେ ସ୍ୱୀକାର କରିନେଲେ ।

ଆୟତେ ଇସ୍‌ତେଖ୍‌ଲାଫ୍ ମାଧ୍ୟମରେ ହଜରତ ମସିହ ମଉଦଅ.ସ କୁହନ୍ତି; ପରମେଶ୍ୱରଙ୍କର ପୁଣ୍ୟବାନମାନଙ୍କ ସହିତ ଅଙ୍ଗୀକାର ରହିଛି, ଯେ ଖିଲାଫତ୍‌ର ସେହି କ୍ରମାନ୍ୱୟରେ ପୁନଃ ସେହିପରି ଧାରା ପ୍ରଚଳନ କରିବେ । ଯେପରି ହଜରତ ମୁସା ଅ.ସଙ୍କ ଅନ୍ତେ ପ୍ରଚଳନ କରିଥିଲେ ଏବଂ ଇସଲାମ ଧର୍ମକୁ ଭୂପୃଷ୍ଠରେ ଦୃଢତାର ସହିତ ସ୍ଥାପିତ କରିଦେବେ ଯେପରି ତାହାର ଚେର ମାଡ଼ିଯିବ । ଭୟପ୍ରଦ ଅବସ୍ଥାକୁ ସେ ଶାନ୍ତିରେ ପରିବର୍ତ୍ତନ କରିଦେବେ । ଉକ୍ତ ଆୟତରେ ସେ ସ୍ୱଷ୍ଟ ଭାବରେ ଦର୍ଶାଇ ଦେଇଛନ୍ତି, ଯେ (ତୁମେମାନେ) ବିପତ୍ତି ଓ ଘୋର ସମସ୍ୟାର ମଧ୍ୟ ସମ୍ମୁଖୀନ ହେବ । କିନ୍ତୁ ତାହା ଚିରକାଳ ପର୍ଯ୍ୟନ୍ତ ରହିବ ନାହିଁ ବରଂ ତାହାକୁ ସେ ଶାନ୍ତିପ୍ରଦ ଅବସ୍ଥାରେ ରୂପାନ୍ତରିତ କରିଦେବେ । ଅତଏବ ଏହିପରି ବିପତ୍ତି ଓ ସମସ୍ୟାର ସମ୍ମୁଖୀନ ୟୁସୁଉ ବିନ୍ ନୁନ୍ ମଧ୍ୟ ହୋଇଥିଲେ ଏବଂ ତାଙ୍କୁ ପ୍ରଭୁଙ୍କ ବାଣୀ ଦ୍ୱାରା ଆଶ୍ୱାସନା ପ୍ରଦାନ କରାଯାଇଥିଲା । ସେହିପରି ହଜରତ ଅବୁବକର ର.ଅଙ୍କୁ ମଧ୍ୟ ପରମେଶ୍ୱର ନିଜ ଭବ୍ୟ ବାଣୀ ଦ୍ୱାରା ଆଶ୍ୱାସନା ପ୍ରଦାନ କରିଥିଲେ ।

ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ବର୍ତ୍ତମାନ ବିଶ୍ୱରେ ଯେଉଁ ସଂଙ୍କଟାପନ୍ନ ପରିସ୍ଥିତି ଉପୁଜିଛି ସେଥିପାଇଁ ବହୁତ ଦୁଆ କରିବେ । ଏବେ ତ’ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାର ମଧ୍ୟ ଧମକ ମଧ୍ୟ ଦିଆଗଲାଣି । ପୂର୍ବରୁ ମଧ୍ୟ ମୁଁ ଅନେକ ଥର କହି ସାରିଛି ଏହା ଦ୍ୱାରା ଆମର ଆସନ୍ତା ପିଢୀ ମଧ୍ୟ ପ୍ରଭାବିତ ହେବେ । ଅଲ୍ଲାଃତାଲା ହିଁ ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ଏହି ଦିନମାନଙ୍କରେ ବେଶ୍ ଅଧିକ ଦରୁଦ୍ ଶରିଫ୍ ଆବୃତ୍ତି କରିବା ସହିତ ନିଜ ପ୍ରଭୁଙ୍କ ସମକ୍ଷେ କ୍ଷମା ଜାଚନା ମଧ୍ୟ କରନ୍ତୁ । ହଜରତ ମସିହ ମଉଦଅ.ସ ଏକଦା ଜମାଅତକୁ ବିଶେଷ ରୂପେ ନମାଜରେ ରୁକୁ କରିବା ପରେ ଛିଡ଼ା ହୋଇ ଏହି ଦୁଆ ପାଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଯେ ରବନ୍ନା ଆତିନା ଫିଦ୍‌ଦୁନିୟା ହସନତଉଁ ଓଫିଲ୍ ଆଖିରତେ ହସନତଉଁ ଓକିନା ଅଜାବନ୍ ନାର୍ । ଅତଏବ ଏହି ଦୁଆକୁ ମଧ୍ୟ ବେଶ ଅଧିକ ଆବୃତ୍ତି କରିବା ଜରୁରୀ । ଅଲ୍ଲାଃତାଲା ଆମମାନଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସମସ୍ତ ପ୍ରକାରର ଅଗ୍ନି ଜନିତ ଶାସ୍ତିରୁ ଆମମାନଙ୍କୁ ରକ୍ଷା କରନ୍ତୁ । (ଆମିନ୍)

ଶେଷରେ ପ୍ରିୟ ହଜୁର ଅନଓ୍ୱରଅ.ବ ମୃତ ଶ୍ରୀମାନ ଅବୁଲ୍ ଫରଜ୍ ଅଲ୍ ହୁସ୍‌ନୀ ସାହେବ ସିରିୟା ନିବାସୀଙ୍କ ଉତ୍ତମ ଚରିତ୍ର ତଥା ତାଙ୍କ ଜମାତୀୟ ସେବାର ଆଲୋଚନା କରି ତାଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା ମଧ୍ୟ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

**** **** **** ****